## ସଂକ୍ଷେପରେ

### ପୋଖରୀ ହୁଡାରୁ ବାଇକ୍ ସହ ମଦ ପୋଚ ଜବତ

ସୋର, ୧୭।୧୨(ଡି.ଏନ.ଏ.): ବାଲେଶ୍ୱର ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶ ଓ ଅବକାରୀ ନିରୀକ୍ଷକ କରୁଣାଶଙ୍କର ତିୱାରୀଙ୍କ ତତ୍ତ୍ୱାବଧାନରେ ସୋର ଅବକାରୀ ଅଧିକାରୀ କୁଳମଣି ମହାରଣାଙ୍କ ନେତୃତ୍ୱରେ ୩ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଚଢାଉ ବେଳେ ଏକ ପୋଖରୀ ହୁଡାରୁ ୧୦ ହଜାର ଲିଟିରରୁ ଉର୍ଦ୍ଧ୍ୱ ପୋଚ୍, ମଦ ସହ ଏକ ବାଇକ ଜବତ କରାଯାଇଛି। ସିମୁଳିଆ ଜାମଝାଡି ଝାଟିଆମାଳ ଛକରେ ଥିବା ଏକ ପୋଖରୀ ହୁଡାରୁ ୫ଶହ ଟିଣରେ ଭର୍ତ୍ତି ହୋଇଥିବା ପୋଚ୍ ଓ ରନ୍ଧନ ସାମଗ୍ରୀ ଜବତ ହୋଇଛି। ହେଲେ ଚୋରା ବେପାରୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ବାଲିପଡା ଗ୍ରାମରେ ଚଢାଉ କରାଯାଇ ବାପି ମୁର୍ମୁଙ୍କଠାରୁ ୩୫ ଲିଟର, ଘାଟପଡା ଗ୍ରାମରେ ଚଢାଉ କରାଯାଇ ଉପେନ୍ଦ୍ର ଶିଅଳଙ୍କଠାରୁ ୧୦ ବୋତଲ ବିଦେଶୀ ମଦ ସହ ପଲସର୍ ବାଇକ୍ (ନଂ.ଓଡି-୦୧୬୫୨୪) ଜବତ କରାଯାଇଛି। ହେଲେ କାହାରିକୁ ଗିରଫ କରାଯାଇନି।

### ରାଉତପଡ଼ା ସମିତିରେ ଧାନକିଣା ଆରମ୍ଭ

ରୂପ୍ସା/ବସ୍ତା, ୧୭।୧୨(ଡି.ଏନ.ଏ./ସ୍ୱ.ପ୍ର.): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନୁବନ୍ଧିତ ବସ୍ତା ଶାଖା ଅନ୍ତର୍ଗତ ରାଉତପଡ଼ା ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଉଦଘାଟିତ ହୋଇଛି। ସମିତି ସଭାପତି ହରେନ୍ଦ୍ର କୁମାର ଦାସ ମଣ୍ଡି ଉଦ୍‌ଘାଟନ କରି ମିଲର ଓ ଚାଷୀଙ୍କ ସମନ୍ୱୟରେ ସୁରୁଖୁରୁରେ ଧାନକିଣା ହେବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମ ଦିନରେ ଚାଷୀ ଅଭିମନ୍ୟୁ ବରଙ୍କଠାରୁ ଧାନକ୍ରୟ ଶୁଭାରମ୍ଭ ହୋଇଥିଲା। ୫ଜଣ ଚାଷୀଙ୍କଠାରୁ ୨ଶହ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସମିତି ସମ୍ପାଦକ ସୃଷ୍ଟିଧର ରାଉତ ସୂଚନା ଦେଇଛନ୍ତି। ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର ଅନ୍ୟମାନେ ଉପସ୍ଥିତ ରହି ତଦାରଖ କରିଥିଲେ। ସେହିପରି ମୁକୁଳିସି ସୋସାଇଟିରେ ବିଧାୟକ ନିତ୍ୟାନନ୍ଦ ସାହୁ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ।

### ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୭୦ ପ୍ରତିଯୋଗୀ



ବାହାନଗା, ୧୭।୧୨(ଡି.ଏନ.ଏ.): ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକସ୍ଥିତ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଓ ବାହାନଗାସ୍ଥିତ ଶିଳ୍ପୀ ଚିତ୍ରକଳା ଶିକ୍ଷାକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ୧୯ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ଶରତ ଚନ୍ଦ୍ର ରାଜ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ରତ୍ନାକର ମହାନ୍ତି, ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା, ନୀଳଗିରି ବ୍ଲକ ସିଆରସିସି ଚନ୍ଦନ କୁମାର ବେହେରା, ଶିକ୍ଷକ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ସନ୍ତୋଷ କୁମାର ବେହେରା, ପଦ୍ମଲୋଚନ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ସବଜୁନିୟରରେ ୫୨ଜଣ, ଜୁନିୟରରେ ୭୬ଜଣ ଓ ସିନିୟର ବିଭାଗର ୪୨ ଜଣ ମୋଟ ୧୭୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଭଲିବଲ ଟୁର୍ନାମେଣ୍ଟ ଖପରାପଦା ଚାମ୍ପିୟନ

ବସ୍ତା, ୧୭।୧୨(ସ୍ୱ.ପ୍ର.): ସ୍ଥାନୀୟ ଫାୟାର ଅଫିସ ପଡିଆରେ ମା’ ମଙ୍ଗଳା କମିଟି ଆନୁକୂଲ୍ୟରେ ଦିବାରାତ୍ର ଜୈନ ହୋଣ୍ଡା କପ୍ ଭଲିବଲ ଦିବାରାତ୍ର ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଟୁର୍ନାମେଣ୍ଟକୁ ସରପଞ୍ଚ ଅନୀଲ କୁମାର ମହାନ୍ତି ଉଦଘାଟନ କରିଥିବା ବେଳେ ଏଥିରେ ୮ଟି ଦଳ ସାମିଲ ହୋଇଥିଲା। ରାଇସାହି ଓ ଖପରାପାଦ ଟିମ୍ ମଧରେ ଫାଇନାଲ ମ୍ୟାଚ ହୋଇଥିଲା। ଏହି ଫାଇନାଲ ମ୍ୟାଚରେ ଖପରାପଦା ୩-୨ରେ ରାଇସାହିକୁ ହରାଇ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଜୈନ ହୋଣ୍ଡାର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଜୈନ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ କୁମୁଦରଞ୍ଜନ ଗିରି, ଫାୟାରଷ୍ଟେଶନ ହାବିଲଦାର ଦିବାକର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# କ୍ରିକେଟ୍ ସଂସଦ ଗଠନ ଦାବି ତେଜିଲା

ବାଲେଶ୍ୱର ଅଫିସ,୧୭।୧୨

ବାଲେଶ୍ୱର ଜିଲାର କ୍ରୀଡ଼ା ସଂସଦରୁ କ୍ରିକେଟ୍‌କୁ ଅଲଗା କରି ପୃଥକ୍ ଭାବେ କ୍ରିକେଟ୍ ସଂସଦ ଗଠନ ଦାବିରେ ସୋମବାର ଜିଲାର ଶତାଧିକ କ୍ରିକେଟ୍ ଖେଳାଳୀ ପରମିଟ୍ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚି ବିଭିନ୍ନ ସ୍ଲୋଗାନ ଦେବା ସହ ଏକ ପ୍ରତିନିଧି ଦଳ ମିଳିତ ଜନ ଅଭିଯୋଗ ଶୁଣାଣିରେ ଦାବିପତ୍ର ପ୍ରଦାନ କରିଥିଲେ।

ବାଲେଶ୍ୱର ଜିଲାର କ୍ରିକେଟ୍ ଖେଳାଳିମାନେ ରାଜ୍ୟରେ ଭଲ ପ୍ରଦର୍ଶନ କରୁଥିବା ବେଳେ ପ୍ରୋତ୍ସାହନ ଏବଂ ଭିତ୍ତିଭୂମି ଅଭାବରୁ ଜାତୀୟସ୍ତରରେ ସୁନାମ ଅର୍ଜନ କରିବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ପାଇଁ ଜିଲାସ୍ତରରେ କୌଣସି ଭିତ୍ତିଭୂମି ଓ ଖେଳ ଉପଯୋଗୀ ପଡ଼ିଆ ମଧ୍ୟ ନାହିଁ। ପ୍ରତିଦିନ ୨ଶହରୁ ଉର୍ଦ୍ଧ୍ୱ ଖେଳାଳି ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା କ୍ରୀଡ଼ା ସଂସଦ ଅଧୀନରେ ଥିବା ଏହି କ୍ରିକେଟ୍ ବିଭାଗ ସ୍ଥାଣୁ ଭାବରେ ପଡ଼ି ରହିଥିବା ବେଳେ ଏହାକୁ ଅଲଗା କରି ସ୍ୱତନ୍ତ୍ର ଭାବରେ କ୍ରିକେଟ୍ ସଂସଦ ଗଠନ କଲେ ଖେଳାଳିମାନେ ଉପକୃତ ହେବେ ବୋଲି ବରିଷ୍ଠ ଖେଳାଳି ରାଜେଶ ମହାପାତ୍ର ପ୍ରକାଶ କରିଛନ୍ତି। ଜିଲା କ୍ରୀଡ଼ା ସଂସଦର ବହୁ ଖ୍ୟାତାନାମା ବ୍ୟକ୍ତିମାନେ ସଦସ୍ୟ ଥିଲେ ମଧ୍ୟ ଖେଳକୁ ପରିଚାଳନା କରିବା ପାଇଁ ଦୀର୍ଘଦିନରୁ ଅଭିଜ୍ଞ ଖେଳାଳିମାନଙ୍କୁ ସଦସ୍ୟତା ଦିଆଯାଉନାହିଁ। ପରମିଟ୍ ପଡ଼ିଆରେ କ୍ରିକେଟ୍ ଖେଳ ପାଇଁ ଏକ ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ କରାଯାଇପାରିବାର ସୁଯୋଗ ଥିବା ବେଳେ କ୍ରୀଡ଼ା ସଂସଦ ଏଥିପାଇଁ କୌଣସି ଚେଷ୍ଟା କରୁ ନ ଥିବା ବରିଷ୍ଠ ଖେଳାଳୀ ସପନ ଖିଲାର ଆରୋପ କରିଛନ୍ତି। ଏଥିପାଇଁ ଖେଳାଳିମାନେ ଜିଲା କ୍ରିକେଟ୍ ସଂସଦ ଗଠନ କରି କ୍ରିକେଟ୍ ଖେଳର ଭିତ୍ତିଭୂମି ଏବଂ ପ୍ରୋତ୍ସାହନ ପାଇଁ ଚେଷ୍ଟା କରୁଥିବା ଖେଳାଳୀ ଦିଲୀପ ତରାଇ ଦାବି କରିଛନ୍ତି। ଅଶ୍ୱିନୀ ସାମଲ, ସଂଗ୍ରାମ ପଣ୍ଡା, ସୂତାର ଅଲ୍ଲୀ, ହରିହର ମହାନ୍ତା, ବିଶ୍ୱମୋହନ ବାରିକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ କ୍ରିକେଟପ୍ରେମୀମାନେ ବିକ୍ଷୋଭ କରୁଛନ୍ତି।

**ଜିଲାପାଳଙ୍କୁ ଭେଟିଲେ ଶତାଧିକ କ୍ରିକେଟ ପ୍ରେମୀ**

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।







ହରେକୃଷ୍ଣ


ପିଣ୍ଟୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ‘ଶୃଙ୍ଖଳା’ ଛାତ୍ର ଜୀବନର ଶ୍ରେଷ୍ଠ ସମ୍ପଦ



ରଘୁନାରାୟଣ ବିଦ୍ୟାଳୟର ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି।

ସିମୁଳିଆ, ୧୭।୧୨(ଡି.ଏନ୍.ଏ.)

ମାର୍କୋଣା ରଘୁନାରାୟଣ ବିଦ୍ୟାଳୟର ୬୩ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ୩ଦିନ ଧରି ପାଳିତ ହେବା ପରେ ଉଦ୍‌ଯାପିତ ହୋଇଛି। ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ଧରିତ୍ରୀ ମହାରଣା, ଜିଲା ପରିଷଦ ଉପାଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପାଢ଼ୀ, ବିଡିଓ ଡ. ନରହରି ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମୋହନ ଚରଣ ଖିଲାର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମ୍ମାନ୍‌ନୀୟ ଅତିଥି ରୂପେ ବାଲେଶ୍ୱର ଗ୍ରାମାଞ୍ଚଳର ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ମହାନ୍ତି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶୃଙ୍ଖଳା ଛାତ୍ର ଜୀବନର ସର୍ବଶ୍ରେଷ୍ଠ ସମ୍ପଦ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ରୂପେ କବି ପ୍ରଶାନ୍ତ କୁମାର ଦାସ ମାଟି, ମା’ ଓ ଗାଁକୁ ଭଲ ପାଇଲେ ମଣିଷ ହିଁ ଉର୍ଦ୍ଧ୍ୱକୁ ଉଠିଥାଏ ବୋଲି କହିଥିଲେ।

ଏହି ଅବସରରେ ୧୯୭୦ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଏହି ବିଦ୍ୟାଳୟର ଛାତ୍ର ତଥା ସ୍କୁଲ ଓ ମାସ୍ ଏଜୁକେଶନର ନିର୍ଦ୍ଦେଶକ ବିନୋଦ ବିହାରୀ ମହାନ୍ତି ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଅମିତ୍ କୁମାର ମିଶ୍ର, ଆଲିସା ମହାରଣା ଓ ରୁଦ୍ରାଭିଷେକ ଦାସଙ୍କୁ ସମ୍ମାନିତ କରିଥିଲେ। ସେହିପରି କ୍ରୀଡ଼ା ଓ ଶିକ୍ଷାକ୍ଷେତ୍ରରେ କୃତୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଓଷଙ୍ଗ ସମିତିରେ ଧାନକିଣା ଆରମ୍ଭ

ଖଇରା, ୧୭।୧୨(ଡି.ଏନ.ଏ.)

ଖଇରା ବ୍ଲକର ବିଭିନ୍ନ ସେବା ସମବାୟ ସମିତିରେ ସୋମବାର ଧାନକିଣା ଯିବାକୁ ଦିବସ ଧାର୍ଯ୍ୟ ହୋଇଥିଲା। ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ବହୁ ସମିତି ଧାନକିଣାକୁ ସ୍ଥଗିତ ରଖିଥିଲେ। ହେଲେ ବର୍ଷାକୁ ଖାତିର ନ କରି ଓସଙ୍ଗ ସେବା ସମବାୟ ସମିତିରେ ଧାନକ୍ରୟ ଆରମ୍ଭ ହୋଇଛି। ପଣ୍ଡିତଙ୍କ ପୂଜାପାଠ ଓ ନରେଶ କରଙ୍କ ସଙ୍କଳ୍ପ ପରେ ନିର୍ଦ୍ଧାରିତ ସମୟରେ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଚାଷୀ ଭରତ କୁମାର ଜେନାଙ୍କଠାରୁ ୧୮କୁଇଣ୍ଟାଲ ଓ ଅକ୍ଷୟ କୁମାର ନାଥଙ୍କଠାରୁ ୨୦କୁଇଣ୍ଟାଲ ଧାନ କିଣା ଯାଇଥିଲା। ଧାନ କ୍ରୟ ସମୟରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅସ୍ମିତା ନାୟକ, ସହ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, କ୍ରୟ କମିଟିର ସଦସ୍ୟ ରଶ୍ମିରଞ୍ଜନ ମହାପାତ୍ର, ସୁଶାନ୍ତ ମହାପାତ୍ର, ମିଲର ଏଜେଣ୍ଟ କୈଳାସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଲିଆପାଳ ବ୍ଲକରେ ‘ପିଠା’

ବାଲିଆପାଳ, ୧୭।୧୨(ଡି.ଏନ.ଏ.)

ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତରେ ‘ପିଠା’ ଯୋଜନା ଶୁଭାରମ୍ଭ ହୋଇଛି। ସରପଞ୍ଚ ଝରଣା ବେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୨୧ନଂ. ଜୋନ୍ ଜିଲା ପରିଷଦ ରବୀନ୍ଦ୍ର ନାଥ ଅଣ୍ଡିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ‘ପିଠା’ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର କର୍ମୀମାନେ ଲୋକମାନଙ୍କୁ ସଚେତନ କରାଇଥିଲେ। ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ପଞ୍ଚାୟତର ବୁଦ୍ଧିଜୀବୀମାନେ ଯୋଗଦେବା ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀର ସଭ୍ୟମାନେ ସମସ୍ତ କାର୍ଯ୍ୟ ତଦାରଖ କରିବାରେ ସାହାଯ୍ୟ କରିଥିଲେ।

■ ଜିଲାସ୍ତରୀୟ ପ୍ରୋତ୍ସାହନପ୍ରାପ୍ତ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ

# ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ୩୫ ପ୍ରକଳ୍ପ ମନୋନୀତ

ବାଲେଶ୍ୱର ଅଫିସ,୧୭।୧୨

ବାଲେଶ୍ୱର ଜିଲା ସ୍କୁଲ ପରିସରରେ ଦୁଇଦିନ ଧରି ହେବାକୁ ଥିବା ଜିଲାସ୍ତରୀୟ ପ୍ରୋତ୍ସାହନପ୍ରାପ୍ତ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀକୁ ଶିକ୍ଷ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏଥିରେ ୯ଟି ବ୍ଲକରୁ ୩୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ସେଥିମଧ୍ୟରୁ ୩୫ଟି ପ୍ରକଳ୍ପକୁ ଶ୍ରେଷ୍ଠ ବିବେଚିତ କରାଯାଇଛି। ଏସବୁ ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବେ।

ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଣୀ ବିଜ୍ଞାନ ପ୍ରଫେସର ଡ. ଜନାର୍ଦ୍ଦନ ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରତି ଆଗ୍ରହୀ ହେବା ଜରୁରୀ ବୋଲି ପ୍ରକାଶ କରିଛନ୍ତି। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲାସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ କମଳ ବିହାରୀ ଦାସ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ରତିକାନ୍ତ ବେହେରା, ଆରତ ମନ୍ତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ସୋର, ସିମୁଳିଆ, ଖଇରା, ଔପଦା, ବାହାନଗା, ନୀଳଗିରି, ରେମୁଣା, ବସ୍ତା ଓ ସଦର ୯ଟି ବ୍ଲକରୁ ୩୫୦ଟି ପ୍ରକଳ୍ପ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ଅନ୍ୟ ୩ଟି ବ୍ଲକ ଭୋଗରାଇ, ଜଳେଶ୍ୱର ଓ ବାଲିଆପାଳର ପ୍ରକଳ୍ପଗୁଡ଼ିକର ପ୍ରଦର୍ଶନୀ ଜଳେଶ୍ୱର ଟାଉନ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଛି।



ଜିଲାସ୍ତରୀୟ ପ୍ରୋତ୍ସାହନ ପ୍ରାପ୍ତ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନରେ ମଞ୍ଚାସୀନ ଅତିଥି।

# ଅଭିଯୋଗ ଶୁଣାଣି ଶିବିରରେ ୧ ଲକ୍ଷ ଆର୍ଥିକ ସହାୟତା


ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟ ଅଧିକାରୀ

ବାଲେଶ୍ୱର ଅଫିସ,୧୭।୧୨

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍‌ରେ ଆୟୋଜିତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଚିକିତ୍ସା ନିମନ୍ତେ ଅସହାୟ ଲୋକଙ୍କୁ ୧ ଲକ୍ଷ ଅର୍ଥରାଶି ସୋମବାର ପ୍ରଦାନ କରାଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ନିଜର ଆପତ୍ତି ଅଭିଯୋଗ ତଥା ସମସ୍ୟାର ସମାଧାନ ପାଇଁ ଆସିଥିବା ମୋଟ ୧୦୬ଟି ଆବେଦନକାରୀଙ୍କ ମଧ୍ୟରୁ ୬୧ଜଣଙ୍କର ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ସେଥିରୁ ୮ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ବିଭିନ୍ନ ରୋଗର ଚିକିତ୍ସା ନିମନ୍ତେ ୯୫ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରାଯାଇଛ। ଜଣଙ୍କୁ ରେଡ଼କ୍ରସ ତରଫରୁ ୫ହଜାର ଟଙ୍କା ଦିଆଯାଇଛି। ଅବଶିଷ୍ଟ ୪୫ଗୋଟି ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇ ତା’ର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟଚିକିତ୍ସାଧିକାରୀ ବିବେକାନନ୍ଦ ଦାସ ଓ ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଜିଲା ଅଧିକାରୀଗଣ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

# ପଥରଗୁଣ୍ଡ ଉଡି ଲୋକେ ଅଣନିଃଶ୍ୱାସୀ

■ ପ୍ରତିକାର ଦାବିରେ ଉପଜିଲାପାଳଙ୍କ ଦ୍ୱାରସ୍ଥ

ନୀଳଗିରି, ୧୭।୧୨(ଡି.ଏନ.ଏ.)

ନୀଳଗିରି ସହର ଉପକଣ୍ଠ ଉପଖଣ୍ଡ ଚିକିତ୍ସାଳୟ ଛକରୁ ବାଇପାସ୍ ପର୍ଯ୍ୟନ୍ତ ରାସ୍ତାରେ ଭାରିଯାନ ଯାତାୟାତ କରୁଥିବାରୁ ପଥରଗୁଣ୍ଡ ଉଡି ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଲୋକ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏହାର ପ୍ରତିକାର ଦାବିରେ ସ୍ଥାନୀୟ ବାସିନ୍ଦା ଗୁରୁବାର ଉପଜିଲାପାଳ ବିଶାଳ ସିଂହଙ୍କୁ ଭେଟିଛନ୍ତି। ଲୋକେ ଦର୍ଶାଇଛନ୍ତି ଯେ, ପ୍ରତିଦିନ କଲ୍ୟାଣ ମଣ୍ଡପ, କନିଷ୍ଠ ଓ ବରିଷ୍ଠ ଅଦାଲତ, ଜେଲ ଓ ଅବକାରୀ କାର୍ଯ୍ୟାଳୟକୁ ବିଭିନ୍ନ କାମରେ ଲୋକେ ଆସିବା ସହ ଛାତ୍ରୀଛାତ୍ର କଲେଜକୁ ଯାତାୟାତ କରିଥାନ୍ତି। ହେଲେ ରାସ୍ତାରେ ଭାରିଯାନ ଚଳାଚଳ ହେଉଥିବାରୁ ବିଛାଯାଇଥିବା ପଥରଗୁଣ୍ଡ ଉଡି କୁହୁଡିର ଭ୍ରମ ସୃଷ୍ଟି କରିଥାଏ। ଫଳରେ ଛୋଟବଡ ଦୁର୍ଘଟଣା ଘଟୁଛି। ଏହାବ୍ୟତୀତ ଓକିଲ ବାର୍‌ଠାରୁ କୋର୍ଟ ପରିସର ପଥରଗୁଣ୍ଡରେ ପୋତି ହୋଇଯାଉଛି। ଏହାର ସ୍ଥାୟୀ ପ୍ରତିକାର ଦାବି କରି ଓକିଲ ଭାଗିରଥି ରାଉତ, ପ୍ରଫୁଲ୍ଲ ମହାନ୍ତିଙ୍କ ସମେତ ବହୁ ଲୋକ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଉପଜିଲାପାଳ ବିଶାଳ ସିଂହ କହିଛନ୍ତି ଯେ, ରାସ୍ତା କାମ ପାଇଁ ଟେଣ୍ଡର ହୋଇଛି। ପଥର ଗୁଣ୍ଡ ନ ଉଡିବା ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

**ବ୍ଲକସ୍ତରୀୟ ଶିଶୁ ଉତ୍ସବ**

# ଭାଗ ନେଲେ ୩୩୭ ଛାତ୍ରୀଛାତ୍ର

ଖଇରା, ୧୭।୧୨(ଡି.ଏନ.ଏ.)

ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ମିଟୁଆଣି ବାଳିକା ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ମହେନ୍ଦ୍ର କବି ପତାକା ଉତ୍ତୋଳନ କରିଥିଲେ। ଉଦଘାଟନୀ ସଭାରେ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ଗୀତାଞ୍ଜଳି ସାହୁ ସଭାପତିତ୍ୱ କରିଥିଲେ। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଓଷ୍ଟା ଜିଲା ସଭାପତି ଜିତେନ୍ଦ୍ର କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ପାଦକ ବାଦଲ ଚନ୍ଦ୍ର ପାତ୍ର, ମହେଶ୍ୱର ପଣ୍ଡା, ବରେନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ବେହେରା, ଜଗଦାନନ୍ଦ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ସରକାର ସବୁବେଳେ ଧ୍ୟାନଦେବା ଆବଶ୍ୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଓଷ୍ଟା ସମ୍ପାଦକ ଷଡାନନ ପାଣିଗ୍ରାହୀ ବିବରଣୀ ପାଠ କରିଥିବା ବେଳେ ବିଷ୍ଣୁପ୍ରସାଦ ମିଶ୍ର ମଞ୍ଚ ପରିଚାଳାନା କରିଥିଲେ। ୪୧ଟି ଉଚ୍ଚବିଦ୍ୟାଳୟରୁ ଆସିଥିବା ୩୩୭ଜଣ ଛାତ୍ରଛାତ୍ରୀ କବିତାବୃତ୍ତି, କବିତା ଲିଖନ, ଚିତ୍ରାଙ୍କନ, ତର୍କ, ସାଧାରଣ ଜ୍ଞାନ, ବୁଦ୍ଧି ପରୀକ୍ଷା, ଗଳ୍ପ ଲିଖନ, ଏକକ ଅଭିନୟ, ଏକକ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ୨୦ଜଣ କୃତୀ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ସଭାରେ ଉପାଧ୍ୟକ୍ଷ ଜୟନ୍ତ ରାଉତ, ଚିନ୍ତାମଣି ପାଣିଗ୍ରାହୀ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା।


ଛାତ୍ରୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ।

# କମ୍ ଚାଉଳ ଯୋଗାଣକୁ ନେଇ ଉତ୍ତେଜନା

**ବଡ଼ସାହି,୧୭।୧୨(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ପ୍ରତାପପୁର ସେକ୍ଟର ଅଧୀନ ତଳଯମୁନା ଅଙ୍ଗନୱାଡ଼ି କେନ୍ଦ୍ରକୁ ଧାର୍ଯ୍ୟ ଓଜନଠାରୁ କମ ପରିମାଣର ଚାଉଳ ଯୋଗାଣ ହୋଇଥିବା ଅଭିଯୋଗ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଗ୍ରାମବାସୀ ଚାଉଳ ଗାଡି ସମେତ ଏଜେଣ୍ଟଙ୍କୁ ଦୀର୍ଘ ସମୟ ଅଟକ ରଖିଥିଲେ। ପରେ ବଡ଼ସାହି ତହସିଲଦାର ଓ ସିଡିପିଓ ଘଟଣାସ୍ଥଳରେ ପହଞ୍ଚି ଚାଉଳ ବୋଝେଇ ପିକ୍‌ଅପ୍ ଓ ରସିଦ ବହି ଜବତ ସହ ଗୋଦାମ ଗୃହ ସିଲ୍ କରିଛନ୍ତି ।

ବଡ଼ସାହି ବ୍ଲକ ଅଧୀନରେ ଥିବା ୩୨୩ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରତି ୫୪୦ କୁଇଣ୍ଟାଲ ଚାଉଳ ଯୋଗାଣ କରାଯାଇଥାଏ । ତେବେ ସୋମବାର ଯୋଗାଣକାରୀ ଏଜେଣ୍ଟ ଜନୈକ ଅଙ୍ଗନୱାଡି କର୍ମୀ ସରିତା ମହାନ୍ତିଙ୍କୁ ଚାଉଳ ଦେବା ସମୟରେ କର୍ମୀ ଜଣକ ଚାଉଳ ଓଜନ କରିବାକୁ ବାଧ କରିଥିଲେ। ଏଥିରେ ବ୍ୟତିବ୍ୟସ୍ତ ହୋଇ ଏଜେଣ୍ଟ ଜଣକ ପୂର୍ବରୁ ଦେଇଥିବା ରସିଦକୁ ଚିରି ଦେଇ ନୂତନ ରସିଦ ଦେଇଥିଲେ। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଉଳ ଏଜେଣ୍ଟ ଭବାନୀ ଶଙ୍କର ସାହୁଙ୍କ କହିବାନୁଯାୟୀ ୧୬୨ କୁଇଣ୍ଟାଲ ୯ଶହ ଗ୍ରାମ ଚାଉଳ ଗୋଦାମରେ ଗଚ୍ଛିତ ଥିଲା। ସେଥି ମଧ୍ୟରୁ ୭୯ବ୍ୟାଗ ଚାଉଳ ପ୍ରତାପପୁର ସେକ୍ଟରରେ ବଣ୍ଟନ ନିମନ୍ତେ ଆସିଥିଲା । ମାତ୍ର ଏଠାରେ ଚାଉଳ ବସ୍ତା ଓଜନ ବେଳେ ୫୦ କେଜିରୁ କମ୍ ଥିବା ଜଣାପଡିବାରୁ ଶତାଧିକ ଗ୍ରାମବାସୀ ପିକଅପ୍ ଭ୍ୟାନକୁ ଅଟକ ରଖି ଚାଉଳ ଓଜନ କରିଥିଲେ । ହେଲେ ଓଜନରେ କମ୍ ଥିବାରୁ ମୟୂରଭଞ୍ଜ ସଦର ଉପଜିଲାପାଳଙ୍କୁ ଜଣାଇଥିଲେ । ତାଙ୍କ ନିର୍ଦ୍ଦେଶ କ୍ରମେ ବଡ଼ସାହି ତହସିଲଦାର ଅମୀୟ କୁମାର ରାଉତ ଓ ସିଡିପିଓ କୁନ୍ତିମଣି ପାତ୍ର ପହଞ୍ଚି ତଦନ୍ତ ପୂର୍ବକ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହାପରେ ଗୋଦାମ ଗୃହରେ ଗଚ୍ଛିତ ଥିବା ୨୪୭ ବ୍ୟାଗକୁ ତହସିଲଦାର ସିଲ୍ କରିଛନ୍ତି । ତେବେ ରସିଦଗୁଡିକରେ ବଡ଼ସାହି ସିଡିପିଓଙ୍କ କାର୍ଯ୍ୟାଳୟ ଉଲ୍ଲେଖ ଥିବା ବେଳେ ସିଡିପିଓ ରସିଦ ବହି ତାଙ୍କ କାର୍ଯ୍ୟାଳୟର ନୁହେଁ ବୋଲି କହିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଯୋଗାଣକାରୀ ଏଜେଣ୍ଟ କହନ୍ତି, ଅଙ୍ଗନୱାଡିରେ ଚାଉଳ ଓଜନ କରି ଦିଆଯିବା ପରେ ରସିଦରେ ସେମାନେ ସ୍ୱାକ୍ଷର କରିଥାନ୍ତି। ଅଭିଯୋଗ ଭିତ୍ତିହୀନ । ଏନେଇ ସିଡିପିଓ କହିଛନ୍ତି, ସେ ମଧ୍ୟ ଅଭିଯୋଗ ସମ୍ପର୍କରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ ସମସ୍ତେ ଜାଣି ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ତଦନ୍ତସାପେକ୍ଷ ।



ଘଟଣା ସ୍ଥଳରେ ତହସିଲଦାର ଓ ସିଡିପିଓ ପହଞ୍ଚି ତଦନ୍ତ କରୁଛନ୍ତି।

■ଗାଡି ଜବତ,ଗୋଦାମ ଗୃହ ସିଲ୍

■ତହସିଲଦାର, ସିଡିପିଓଙ୍କ ତଦନ୍ତ

## ସଂକ୍ଷେପରେ

### ହାତୀ ଆକ୍ରମଣରେ ମହିଳା ଗୁରୁତର

**ବାରିପଦା ଅଫିସ,୧୭।୧୨:** ମୟୂରଭଞ୍ଜ ଜିଲା ତଥା ବାରିପଦା ବନଖଣ୍ଡ ଅଧୀନ ରାସଗୋବିନ୍ଦପୁର ବନାଞ୍ଚଳର ବଡାମପୁର ଗ୍ରାମରେ ସୋମବାର ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଏହି ଗ୍ରାମର ଇଚ୍ଛାମଣି ରାମ ନାମ୍ନୀ ଜଣେ ମହିଳା ଧାନ କାଟିବା ପାଇଁ ସୋମବାର ସକାଳେ ବିଲକୁ ଯାଉଥିବା ବେଳେ ହଠାତ ହାତୀ ହାବୁଡ଼ରେ ପଡିଯାଇଥିଲେ। ହାତୀ ଆକ୍ରମଣରେ ସେ ଘଟଣାସ୍ଥଳରେ ଅଚେତ ହୋଇ ପଡିଯାଇଥିଲେ। ପରେ ଗ୍ରାମବାସୀ ତାଙ୍କୁ ସେଠାରୁ ଉଦ୍ଧାର କରି ପ୍ରଥମେ ରାସଗୋବିନ୍ଦପୁର ଓ ପରେ ବାରିପଦା ମେଡିକାଲରେ ଭର୍ତ୍ତି କରିଥିଲେ।

### ଏଟିଏମ୍ ଲୁଟ୍ ବିଫଳ

**ଖୁଣ୍ଟା,୧୭।୧୨(ଡି.ଏନ.ଏ.):** ଖୁଣ୍ଟା ଥାନା ନିକଟ ବସ୍‌ଷ୍ଟାଣ୍ଡରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନଙ୍କର ଲୁଟ୍ ଉଦ୍ୟମ ବିଫଳ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍‌ର ସମ୍ମୁଖ ଅଂଶ ଭାଙ୍ଗିଦେଇଥିଲେ ମଧ ଟଙ୍କା ନେଇପାରିନାହାନ୍ତି। ସୋମବାର ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଇତିମଧ୍ୟରେ ପୂର୍ବାହ୍ନରେ ଏଟିଏମ୍‌କୁ ଟଙ୍କା ଯୋଗାଣକାରୀ ସଂସ୍ଥା (ସି ଏସ୍‌ଏମ୍) କର୍ମଚାରୀ ଓ ପୋଲିସ ଉପସ୍ଥିତିରେ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଆସି ତଦନ୍ତ କରି ଫେରିଯାଇଛନ୍ତି। ହେଲେ ଅଦ୍ୟାବଧି ଲୁଟେରାଙ୍କ ଟେର୍ ମିଳିପାରିନାହିଁ।

### ୨୨୭ ହିତାଧିକାରୀଙ୍କୁ ପେନ୍‌ସନ ବଣ୍ଟନ

**କୋଷ୍ଠା, ୧୭।୧୨:** କୋଷ୍ଠା ଗ୍ରାମପଞ୍ଚାୟତରେ ୨୨୭ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ବଣ୍ଟନ କରାଯାଇଛି। ସରପଞ୍ଚ ଚନ୍ଦ୍ରମୋହନ ନାଏକ ଓ ସମିତି ସଭ୍ୟ ହରିଶ ଚନ୍ଦ୍ର ଦତ୍ତ ଓ ପଞ୍ଚାୟତର ପିଇଓ ରଣଜିତ ବେହେରା ଏହାକୁ ବଣ୍ଟନ କରିଛନ୍ତି । ସେଥିମଧ୍ୟରୁ ୧୩୪ ନୂଆ ପେନ୍‌ସନଧାରୀଙ୍କୁ ନଭେମ୍ବର ଓ ଡିସେମ୍ବର ଏବଂ ୯୩ ଜଣଙ୍କୁ ଅକ୍ଟୋବର ଓ ନଭେମ୍ବର ମାସର ପେନ୍‌ସନ ବଣ୍ଟନ କରାଯାଇଛି।

### ଧାନମଣ୍ଡିର ଶୁଭାରମ୍ଭ



**କୋଷ୍ଠା,୧୭।୧୨:** କୋଷ୍ଠା ବ୍ଲକ କଣ୍ଟିସାହି ଲ୍ୟାମ୍ପ୍ସର କୋଷ୍ଠା ଶାଖାରେ ପରିଚାଳନା ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଏହି ଅବସରରେ ନିର୍ଦ୍ଦେଶିକା ବେଦପ୍ରଭା କର, ଧାନ କ୍ରୟକାରୀ ସତ୍ୟବ୍ରତ ଦାସ ଉପସ୍ଥିତ ଥିଲେ। କାହଲା ପାଗ ସତ୍ତ୍ୱେ ପ୍ରଥମ ଦିନରେ ମୋଟ ୧୮ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ଅନ ଲାଇନ ମାଧମରେ ଚାଷୀଙ୍କୁ ପେମେଣ୍ଟ ଦିଆଯିବ ବୋଲି ଲ୍ୟାମ୍ପସ ସୂତ୍ରରୁ ପ୍ରକାଶ ।

### 'ସମ୍ପର୍କ-୯୫'ର ବନ୍ଧୁମିଳନ ଉତ୍ସବ

**ବେତନଟୀ,୧୭।୧୨ (ଡ଼ି.ଏନ.ଏ):** ବେତନଟୀ ଏମପିସି ଉଚ୍ଚ ବିଦ୍ୟାଳୟର ୧୯୯୫ ମସିହା ଛାତ୍ର ମାନଙ୍କର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ନିକଟ ପାଉଁଶିଆ ବନ୍ଧ ନିକଟରେ 'ସମ୍ପକ-୧୯୯୫' ନାମରେ ସଙ୍ଗଠନ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ସଙ୍ଗଠନର ସଭାପତି ନରୋତ୍ତମ ବେହେରା ଅଧକ୍ଷତା କରିଥିଲେ। ଆଗାମୀ ଦିନରେ ଅନାଥ ଶିଶୁଙ୍କୁ ଶିକ୍ଷା କ୍ଷେତ୍ରରେ ସାହାଯ୍ୟ ଯୋଗାଇ ସହ ବେତନଟୀ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ ନିଷ୍ପତି ନିଆଯାଇଥିଲା।

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ବଡ଼ସାହି,୧୭।୧୨(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ପ୍ରତାପପୁରସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟା ରାଜଲକ୍ଷ୍ମୀ ମହାଳିକ ଓ ମୌସୁମୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଡା.କୁମାର ବାବୁଲିଙ୍କ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ, , ଅଧାପକ ସୁକାନ୍ତ ଗିରି, ସମ୍ମାନୀତ ଅତିଥି ଭାବେ ସର୍ବେଶ୍ୱର ଜେନା, ବଡସାହି ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀ ସିଂ ପ୍ରମୁଖ ଯୋଗଦେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ଉତ୍ସବରେ ଉପସ୍ଥିତ ଅତିଥିମାନେ ।

# 'ସମାଜରୁ ବିଶୃଙ୍ଖଳା ଦୂର କରେ ଶିକ୍ଷା'

**କପ୍ତିପଦା,୧୭।୧୨(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧିନ ବିଶୋଳ ଦିନବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବଳରାମ ବେହେରା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସମ୍ମାନିତ ଅତିଥିଭାବେ ରାଜ୍ୟ ପୁରସ୍କୃତ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗ ଦେଇ ଶିକ୍ଷା ଦ୍ୱାରା ସମାଜରୁ ବିଶୃଙ୍ଖଳା ଦୂର ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବିରଞ୍ଚି ନାରାୟଣ ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଷ୍ଟେସନାରୀ ଦୋକାନରୁ ଚୋରି

**ବଡ଼ସାହି,୧୭।୧୨(ସ୍ୱ.ପ୍ର.)**

ବଡ଼ସାହି ଛକ ହାଟ ରାସ୍ତାର ଏକ ଷ୍ଟେସନାରି ଦୋକାନରୁ ରବିବାର ବିଳମ୍ବିତ ରାତିରେ ୩୦ହଜାର ଟଙ୍କା ଲୁଟ ହୋଇଛି। ଏ ସମ୍ପର୍କରେ ଦୋକାନ ମାଲିକ ବୀର କିଶୋର ବେହେରାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ ୧୮୫/୧୮) ରୁଜୁକରିଛି। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛନ୍ତି।

# ପିଠା କାର୍ଯ୍ୟକ୍ରମ ଆରମ୍ଭ

**ଖୁଣ୍ଟା,୧୭।୧୨(ଡି.ଏନ୍.ଏ.)**

ଖୁଣ୍ଟା ବ୍ଲକ ଅଧୀନରେ ସୋମବାର 'ଆମ ଗାଁ ଆମ ବିକାଶ'ର ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ବାସିପିଠା ପଞ୍ଚାୟତ ସରପଞ୍ଚ ସରସ୍ୱତୀ ମାଣ୍ଡିଙ୍କ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏପିଡି ସଙ୍ଗୀତା ବେହେରା, ବ୍ଲକ ଅଧକ୍ଷା ପୁଷ୍ପଲତା ମାର୍ଣ୍ଡି ଓ ବିଡିଓ ଦେବଦତ୍ତ ପଣ୍ଡା, ସମିତିସଭ୍ୟା ମିନତି ଲତା ସିଂ ଯୋଗଦେଇଥିଲେ। ସେହିପରି ଉକ୍ତ ବ୍ଲକ ଅଧୀନ ବାଙ୍ଗରା ପଞ୍ଚାୟତର ସରପଞ୍ଚ ମାନିନୀ ସିଂ ଓ ବାହାନଡ଼ା ପଞ୍ଚାୟତ ସରପଞ୍ଚ ଧନେଶ୍ୱର ଟୁଡୁଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। **ବିଶୋଇ :** ବିଶୋଇ ବ୍ଲକର ବିଶୋଇ ଓ ଜଗନ୍ନାଥପୁର ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁବାବୁ ପେନସନ ଯୋଜନାରେ ୭୭ ଜଣଙ୍କୁ ଓ ୧୩ ଗୋଟି ପରିବାରକୁ ମାଗଣା ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ବିଡିଓ ଓ ଅନ୍ୟମାନେ ଏହି ପଞ୍ଚାୟତ ପାନପୋଷି ଗ୍ରାମର ଗୋକୁଳ ପାତ୍ର (୭୩) ଙ୍କ ବାସଗୃହକୁ ଯାଇ ୨ ମାସର ୨୪ଶହ ଟଙ୍କା କଳାକାର ଭତ୍ତା ପ୍ରଦାନ କରିଥିଲେ। ଜଗନ୍ନାଥପୁର ପଞ୍ଚାୟତରେ ଗୋଟିଏ ପରିବାରକୁ ବିଦ୍ୟୁତ ସଂଯୋଗ ଓ ୪୫ ଜଣଙ୍କୁ ମଧୁବାବୁ ପେନସନ ଦିଆଯାଇଥିଲା। **ଭଞ୍ଜକିଆ,(ଡି.ଏନ.ଏ.)–** ରରୁଆଁ ବ୍ଲକ ଗୋଡପଳାସା ପଞ୍ଚାୟତରେ ପିଇଓ ରାଜେଶ କାଳନ୍ଦିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୭୪ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଓ ୩ଜଣଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଛି। ପ୍ରାୟ ୨ ଘଣ୍ଟା ବର୍ଷା ହେବାରୁ ବହୁ ହିତାଧିକାରୀ ଓଦା ହୋଇ ଛିଡା ହୋଇଥିଲେ। । **ବହଳଦା,(ଡି.ଏନ.ଏ):** ବହଳଦା ବ୍ଲକ ବାସିଙ୍ଗି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ 'ପିଠା' କାର୍ଯ୍ୟକ୍ରମକୁ ରାଇରଙ୍ଗପୁର ବିଧାୟକ ସାଇବା ସୁଶୀଲ ହାଁସଦା ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଡିଓ ରୀତା ଡାଙ୍ଗ୍, ସମିତି ସଭ୍ୟ ଶୁକଦେବ ସାହୁ, ସହକାରୀ ନିର୍ବାହୀଯନ୍ତ୍ରୀ ସୁଶ୍ରୀ ସବିତା ସୋରେନ, ଜିପିଇଓ ବିଶ୍ୱନାଥ ମାରାଣ୍ଡି ଯୋଗଦେଇଥିଲେ ।



ବହଳଦାରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ।

# ଆତ୍ମ ସୁରକ୍ଷା ତାଲିମ ଶିବିର

**କପ୍ତିପଦ,୧୭।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ନୁଦୁଡିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଫକିର ଚରଣ ବେହେରା ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧାପକ ରମେଶ ଚନ୍ଦ୍ର ନାୟକ, ନିରଞ୍ଜନ ପାଠୀ ଓ ଅଧାପିକା ଶୁଭଦର୍ଶନୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ବନିତା ବେହେରା ଓ ରିତାରାଣୀ ଲେଙ୍କା ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳର ଶିକ୍ଷା ଦେଇଥିଲେ। ଶିବିରରେ ମୋଟ ୯୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।



ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ଶିଖୁଛନ୍ତି।

# 'ନବ ଉତ୍କଳର ନିର୍ମାତା ଥିଲେ ଭଞ୍ଜଦେଓ'

**ବାରିପଦା ଅଫିସ,୧୭।୧୨**

ବାରିପଦା ପୌରପରିଷଦ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ସୋମବାର ମୟୂରଭଞ୍ଜର ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବାରିପଦା ବିଧାୟକ ତଥା ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗ ଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କୁ ନବ ଉତ୍କଳର ନିର୍ମାତା ବୋଲି ଅଭିହିତ କରିଥିଲେ। ଏହି ଅବସରରେ ଜିଲାପାଳ ବିନିତ ଭରଦ୍ୱାଜ, ବାରିପଦା ପୌରପରିଷଦ ନଗରପାଳ ବବିତା ଦାସ, ଉପନଗରପାଳ ଜିତେନ୍ଦ୍ର ମହାନ୍ତି,ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ଡ.ବନଜା ମହାନ୍ତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଏନଏସଏସ ବ୍ୟୁରୋ କୋଅର୍ଡିନେଟର ଉଷା ଶତପଥି, କଲ୍ୟାଣୀ ମହିଳା ସମିତିର ସମ୍ପାଦିକା କଳ୍ପନା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଜିଲାପାଳଙ୍କ ସଦଭାବନା ସଭାଗୃହରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ପରିଚାଳନାରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆମେ ମୟୂରଭଞ୍ଜିଆ ସଙ୍ଗଠନର ଆବାହକ ସଞ୍ଜୟ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ସ୍ୱାଭିମାନ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ପରେ ଏମପିସି କନିଷ୍ଠ ମହାବିଦ୍ୟାଳୟ , ମହାରାଜା କୃଷ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସନ୍ଧ୍ୟାରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାରରେ ମହାରାଜାଙ୍କର ସ୍ମୃତି ଚାରଣ କରାଯାଇଥିଲା।




ଏକେସି ହାଇସ୍କୁଲରେ ଜୟନ୍ତି ପାଳନ ଅବସରରେ ଉପସ୍ଥିତ ଅତିଥୀ ବୃନ୍ଦ।

# ଦିନ ଦ୍ୱିପ୍ରହରରେ କାର୍ଯ୍ୟାଳୟ ଫାଙ୍କା

**ବାରିପଦା ଅଫିସ,୧୭।୧୨**

**ଜିଲା ପୋଲିସ ମୁଖ୍ୟାଳୟ**

■ ଖାଇବା ଛୁଟିରେ ଗଲେ ବିଳମ୍ବରେ ଆସୁଛନ୍ତି କର୍ମଚାରୀ

ମୟୂରଭଞ୍ଜ ଜିଲା ପୋଲିସ ବିଭିନ୍ନ ସମୟରେ ନିଜ କାର୍ଯ୍ୟଶୈଳୀକୁ ନେଇ ଚର୍ଚ୍ଚାରେ ରହିଆସିଛି। ଲୋକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଜିଲା ପୋଲିସ ମୁଖ୍ୟାଳୟରେ ଅପରାହ୍ନ ୨ଟା ପରେ କିଛି ହାତଗଣତି କର୍ମଚାରୀଙ୍କୁ ଛାଡି ଦେଲେ ଅନ୍ୟମାନଙ୍କର ଦେଖା ମିଳି ନ ଥାଏ। ସୋମବାର ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା ଜିଲା ପୋଲିସ ମୁଖ୍ୟାଳୟରେ। ଅପରାହ୍ନ ୪ଟା ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ବନ୍ଦ ଥିବା ବେଳେ କିଛି ବିଭାଗରେ ହାତଗଣତି କର୍ମଚାରୀ ଥିଲେ। ଜଣେ କର୍ମଚାରୀଙ୍କ ସହିତ ଫୋନ ଯୋଗେ କଥା ହେବାରୁ ସେ ୫ଟା ପରେ ଆସିବେ ବୋଲି କହିଥିଲେ। ଅନ୍ୟ ଡିଏସ୍‌ପି ର୍‍ୟାଙ୍କ୍‌ର ଅଧିକାରୀ ମଧ ବାହାରେ ଥିବା କହିଥିଲେ। ତେବେ ପ୍ରତିଦିନ ଏଭଳି ପରିସ୍ଥିତି ଏଠାରେ ଦେଖିବାକୁ ମିଳେ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ତ୍ରିପାଠୀ ଗଣମାଧ୍ୟମକୁ କହିଛନ୍ତି। ନିୟମ ମୁତାବକ, ଏକ ଘଣ୍ଟା ଖାଇବା ଛୁଟି ଥିବା ବେଳେ କର୍ମଚାରୀ ଓ ଅଧିକାରୀମାନେ ଦିନ ୨ଟା ପରେ କାର୍ଯ୍ୟାଳୟରୁ ଯାଇ ଅପରାହ୍ନ ୪ଟା କିମ୍ବା ୫ଟାରେ ଆସୁଛନ୍ତି। ସେହିପରି ଅଧିକାରୀମାନେ ଟୁର୍‌ରେ ଯାଉଥିବା କହି ଦ୍ୱିପ୍ରହରରେ ଆଉ ଆସୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାରଙ୍କୁ ପଚାରିବାରୁ ବାହାରେ ଅଛି, ଏ ସମ୍ପର୍କରେ ବୁଝିବି ବୋଲି କହିଥିଲେ। ସେହିପରି ଆଡିଶନାଲ ଏସ୍‌ପି ଜେ.ଆର. ଶତପଥୀଙ୍କୁ ପଚାରିବାରୁ ସୋମବାର ସେ ଏବଂ ଏସ୍‌ପି ନ ଥିବାରୁ କର୍ମଚାରୀମାନେ ଏଭଳି ଅବହେଳା କରିଥାଇପାରନ୍ତି ବୋଲି କହିଥିଲେ। ଜିଲାର ସମସ୍ତ ଥାନାରେ ଏଭଳି ପରିସ୍ଥିତି ମଧ ଦେଖିବାକୁ ମିଳେ। ଥାନାର ବହୁ ବରିଷ୍ଠ ଅଧିକାରୀ ମଧ ବିଭିନ୍ନ ସମୟରେ ଥାନାରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଥାଏ। ଏ ଦିଗରେ ବରିଷ୍ଠ ଅଧିକାରୀ ଦୃଷ୍ଟି ଦେଇ କାର୍ଯ୍ୟାଳୟ ସମୟରେ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କୁ ଉପସ୍ଥିତ ରହିବାକୁ ତାଗିଦ କରିବା ଲାଗି ଦାବି ହେଉଛି।

# 'ଭଦ୍ରାୟନୀ' ଉତ୍ସବ ଉଦ୍‌ଯାପିତ

**ଭଦ୍ରକ ଅଫିସ, ୧୭।୧୨**

ଭଦ୍ରକ ଜିଲା ନେହେରୁ ଷ୍ଟାଡିୟମ ପରିସରରେ ଜିଲା ପ୍ରଶାସନ, ସଂସ୍କୃତି ପରିଷଦ ଏବଂ ଓରମାସ୍ ଦ୍ୱାରା ଚାଲିଥିବା 'ଭଦ୍ରାୟନୀ' ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରବିବାର ବିଜୁ ଯୁବବାହିନୀ ପକ୍ଷରୁ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଦେଶର ଅଗ୍ରଗତିରେ ଯୁବବାହିନୀ ତଥା ଯୁବଗୋଷ୍ଠୀଙ୍କ ପ୍ରମୁଖ ଭୂମିକା ରହିଥିବା ମତବ୍ୟକ୍ତ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପିଡି ମଧୁସୂଦନ ମିଶ୍ର, ଯୁବବାହିନୀର ଜିଲା ସଂଯୋଜକ ବିଶ୍ୱରଞ୍ଜନ ନାୟକ, ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୭ ପ୍ରତିଭା ସମେତ ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବିଜେତା ଭଦ୍ରକ ପୌରପାଳିକା ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଭୁବନେଶ୍ୱରର ଗୀତମହ୍ଲାର ଗ୍ରୁପ ଦ୍ୱାରା ମେଲୋଡି ଓ ଭଦ୍ରକ ମନ୍ଦିରା ଡ୍ୟାନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଡି ମିଶ୍ର, ଏପିଡି ମନୋରମା ଭୂୟାଁ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ ରାଉତରାୟ, ସହାୟକ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ, ଯୁବବାହିନୀ ଜିଲା ସଂଯୋଜକ ନାୟକ, ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳକ ସଞ୍ଜୟ ବାରିକ, ଜିଲା ଦକ୍ଷତା ସଂଯୋଜକ ପ୍ରିୟଦର୍ଶନ ଜେନା, ଜିଲା ସଂସ୍କୃତି ଅଧିକାରୀ ଗୋଲକ ବେହେରା ପ୍ରମୁଖ ୮ଦିନିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜୟ ଦିବସ ସମାରୋହ ଅବସରପ୍ରାପ୍ତ ସୈନିକ ରାଧାକୃଷ୍ଣ, ସୁରେନ୍ଦ୍ରଙ୍କୁ ସମ୍ବର୍ଦ୍ଧନା

**ବାସୁଦେବପୁର, ୧୭।୧୨ (ଡି.ଏନ.ଏ.)**

ବାସୁଦେବପୁର ଟାଉନ ହଲ୍ ପରିସରରେ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ ବିଜୟ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ସୈନିକ ରାଧାକୃଷ୍ଣ ଦାସ ଓ ସୁରେନ୍ଦ୍ର ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାର୍କୋଣା କଲେଜ ଅଧକ୍ଷ ଅଜୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦେଶ ରକ୍ଷା କ୍ଷେତ୍ରରେ ସୈନିକଙ୍କର ଭୂମିକା ଓ ଦାୟିତ୍ୱକୁ କେହି ଭୁଲି ପାରିବେ ନାହିଁ ବୋଲି ମୁଖ୍ୟଅତିଥି ପଣ୍ଡା ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ଶତ୍ରୁଘ୍ନ ଧନୀ ମୁଖ୍ୟବକ୍ତା ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ଜିଲା ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ସଭାପତି ରୋହିତ ରାୟ, ଉପଦେଷ୍ଟା ନାରାୟଣ ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ସଭାରେ ଅଧକ୍ଷତା କରିଥିଲେ। ସୈନିକ କଲ୍ୟାଣ ସଂଘ ସଭାପତି ଶରତ କୁମାର ନାୟକ ସ୍ୱାଗତ ବିବରଣୀ ଓ ସମ୍ପାଦକ କୈଳାସ ଚନ୍ଦ୍ର ନାଥ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଉପଦେଷ୍ଟା ନିରଞ୍ଜନ ଜେନା, ପ୍ରଦୀପ ପାତ୍ର, ପ୍ରିୟଦର୍ଶିନୀ ଜେନା, ଉମାକାନ୍ତ ଖୁଣ୍ଟିଆଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ୩ ଶହରୁ ଉର୍ଦ୍ଧ୍ୱ ସୈନିକ ଉପସ୍ଥିତ ଥିଲେ।

■ ସାଳନ୍ଦୀ ବହି ମେଳାର ୬ଷ୍ଠ ସନ୍ଧ୍ୟା

# 'ଓଡ଼ିଆ କଥାସାହିତ୍ୟର କଥା କହେ ଭଦ୍ରକ ମାଟି'



ସାଳନ୍ଦୀ ବହି ମେଳାର ୬ଷ୍ଠ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ ଅଫିସ, ୧୭।୧୨**

ଓଡ଼ିଆ କଥା ସାହିତ୍ୟରେ ଭଦ୍ରକ ମାଟିର କଥାଶିଳ୍ପୀଙ୍କ ଅବଦାନ ଅତୁଳନୀୟ। କବିଶେଖର ଚିନ୍ତାମଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଭାଗୀରଥି ମହାପାତ୍ର, ଉଦୟନାଥ ମହାନ୍ତି, ବୈଷ୍ଣବ ଚରଣ ଦାସ ପ୍ରମୁଖଙ୍କଠାରୁ ଆରମ୍ଭ କରି ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ ମହାପାତ୍ର, ବିଭୁତି ଭୂଷଣ ଓ ଲକ୍ଷ୍ମୀନାରାୟଣଙ୍କ ସମେତ ହୃଷୀକେଶ ପଣ୍ଡା ପ୍ରମୁଖ କଥାକାର ଓଡ଼ିଆ ସାହିତ୍ୟର ଗଳ୍ପ ଓ ଉପନ୍ୟାସକୁ ସମୃଦ୍ଧ କରିଆସିଛନ୍ତି। ଭଦ୍ରକ ମାଟି ଓଡ଼ିଆ କଥା ସାହିତ୍ୟର କଥା କହେ। ମନମୋହନ ସଂଗୀତ ପରିଷଦ ପରିସରରେ ସାଳନ୍ଦୀ ବହି ମେଳାର ୬ଷ୍ଠ ସନ୍ଧ୍ୟାରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଥିଲେ। ପ୍ରଫେସର ଶୈଳେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ କଥା ସାହିତ୍ୟ ଭଦ୍ରକ ପ୍ରସଙ୍ଗ ଆଲୋଚନାଚକ୍ରରେ ଡ. ଜୟନ୍ତ ଦାସ ଏବଂ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଗଳ୍ପ ଓ ଉପନ୍ୟାସ ବିଷୟରେ ଆଲୋଚନା କରିଥିଲେ। କଥାକାର ଡ. ରାଧାବିନୋଦ ନାୟକ ଓ ପ୍ର. ଝରଣା ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଦେଇଥିଲେ 'ଧାନଫୁଲ'ର ସମ୍ପାଦକ ସୀତାକାନ୍ତ ପତ୍ରୀ। ଶିବଚରଣ ଖାମୁରାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହରମୋହନ କୁଅଁରଙ୍କ 'ପକ୍ଷୀର ବିଳାପ' ଗଳ୍ପ ପୁସ୍ତକ ଲୋକାର୍ପିତ ହୋଇଥିଲା। ଅଭିଜିତ୍ ନାୟକଙ୍କ ପରିଚାଳନାରେ ଅପରାହ୍ନରେ କୁଇଜ୍ ପ୍ରତିଯୋଗିତା ଏବଂ ସଭା ପରେ ଦୀପ୍ତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଜୁନୁନ୍ ଅର୍କେଷ୍ଟ୍ରା ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲା। କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ପଣ୍ଡା, ଇଂ. ବିଦ୍ୟାଧର ବ୍ରହ୍ମ, ନାସିର ବକ୍ସ, ସୁଚିତ୍ରା ପାଣିଗ୍ରାହୀ, ବସୁମିତ୍ରା ସାହୁ, ପ୍ରଫୁଲ୍ଲ ନାୟକ, କିଶୋର ପାଣିଗ୍ରାହୀ, ଡା. ବିକାଶ ନନ୍ଦ, ସୁବାସ ସାହୁ ଓ ଶାନ୍ତନୁ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପ୍ରବଳ ଥଣ୍ଡାରୁ ମୃତ୍ୟୁ ସନ୍ଦେହ

**କେନ୍ଦୁଝର, ୧୭।୧୨(ସ୍ୱ.ପ୍ର.):** ସଦର ଥାନା ଅନ୍ତର୍ଗତ ଦାବାଙ୍କ ଗ୍ରାମର ଅଙ୍ଗନବାଡି କେନ୍ଦ୍ର ବାରଣ୍ଡାରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ନାମ ଜଣାପଡିନାହିଁ। ତାଙ୍କ ଘର ବରଦାପାଳ କେଲ ସାହି ବୋଲି ଜଣାପଡିଛି। ମୃତର କାରଣ ଜଣାପଡିଥିଲେ ହେଁ ପ୍ରବଳ ଥଣ୍ଡାରୁ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକ ସନ୍ଦେହ କରୁଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଅନ୍ୟ ପକ୍ଷରେ ବିଷାକ୍ତ ମଦ ପିଇଥିବା କାରଣରୁ ମୃତ୍ୟୁ ହୋଇଥିବା ଅନେକ ଆଶଙ୍କା କରାଯାଉଛି। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହୁଛି।

### ସମସ୍ୟା ଘେରରେ ବୈଦାଖିଆ ଆଶ୍ରମ ସ୍କୁଲ

**ହାଟଡିହୀ, ୧୭।୧୨(ଡି.ଏନ.ଏ.):** ହାଟଡିହୀ ବ୍ଲକର ବୈଦାଖିଆ ଆଶ୍ରମ ବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ଉକ୍ତ ଆଶ୍ରମରେ ରହି ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୨୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷାଦାନ କରୁଛନ୍ତି। ୧୧୦ ଛାତ୍ରୀ, ୧୧୦ ଛାତ୍ର ରହୁଛନ୍ତି। ପାଣିର ସୁବିଧା ନାହିଁ। ଛାତ୍ରୀଛାତ୍ର ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଏ ନେଇ ଛାତ୍ରୀଛାତ୍ର ଶୌଚ ହେବା ପାଇଁ ବହୁ ଅସୁବିଧା ଭୋଗୁଛନ୍ତି। ଆବାସିକ ଘର ବାହାରରେ ଶୌଚ ହେବାକୁ ପଡୁଛି। ପାଣି ଅଭାବରୁ ବିଦ୍ୟାଳୟ ପରିସରରେ ଥିବା ଏକ ଗଡ଼ିଆରେ ଗାଧୋଛନ୍ତି। ପାଖାପାଖି ଜଙ୍ଗଲ ପାହାଡ଼ ଥିବାରୁ ବିଭିନ୍ନ ବିଷାକ୍ତ ସାପ ବିଦ୍ୟାଳୟ ପରିସରକୁ ପଳାଇଆସୁଛନ୍ତି। ଏ ନେଇ ଛାତ୍ରୀଛାତ୍ର ଓ ଶିକ୍ଷକ ମହଲରେ ଭୟ ସୃଷ୍ଟି ହେଉଛି। ରୋଷେଇ ଗୃହ ନାହିଁ। ଭଙ୍ଗା ଅସୁରକ୍ଷିତ ଛାତ ଘରେ ରୋଷେଇ କରାଯାଉଛି। କୋଠରି ଅଭାବରୁ ଶିକ୍ଷୟିତ୍ରୀ ଅସୁରକ୍ଷିତ ଭାବେ ରହୁଛନ୍ତି। ବର୍ଷା ହେଲେ ଶ୍ରେଣୀ ଗୃହ ଛାତରୁ ପାଣି ଗଳୁଛି।

୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ଘର ଅଧାପନ୍ତରିଆ ଭାବେ ପଡ଼ିରହିଛି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ବିଦ୍ୟାଳୟରେ ଥିବା ସମସ୍ୟା ସୁଧାରିବା ସହ ପାଣିର ସମସ୍ୟା ଦୂର ଲାଗି ପ୍ରୟାସ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ମନ୍ମଥ ଜେନାଙ୍କୁ ପଚାରିବାରୁ ଲୋଭୋଲଟେଜ ପାଇଁ ପାଣି ଉଠୁନି। ନଳକୂପରୁ ପାଣି ନେଇ ଛାତ୍ରୀଛାତ୍ର ବ୍ୟବହାର କରୁଛନ୍ତି। ଏ ନେଇ ବ୍ଲକ ଅଧିକାରୀଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି।

### ରେଜିଷ୍ଟ୍ରାର ଅଫ ମ୍ୟାରେଜ ନିଯୁକ୍ତି କରାଯାଉ



**କେନ୍ଦୁଝର, ୧୭।୧୨ (ସ୍ୱ.ପ୍ର.):** ସମସ୍ତ ମୁସଲମାନ ସମ୍ପ୍ରଦାୟର ବିଭାଘର ଓ ବିବାହ ବିଚ୍ଛେଦ ଆଇନଗତ ଭାବରେ ହେଉ। ଏଥିପାଇଁ ଜଣେ ମୁସଲମାନ ସମ୍ପ୍ରଦାୟର ଦକ୍ଷ ଓ ଶିକ୍ଷିତ ବ୍ୟକ୍ତିଙ୍କୁ ଉକ୍ତ କ୍ଷମତା ପ୍ରଦାନ କରି ରେଜିଷ୍ଟ୍ରାରର ଅଫ ମ୍ୟାରେଜ (କ୍ୱାଜି) ଭାବରେ ନିଯୁକ୍ତି ଦେବାକୁ ଅଲ ଓଡ଼ିଶା ମହମଡିଆନ ମ୍ୟାରେଜ ଆଣ୍ଡ ଡିଭୋର୍ସ ରେଜିଷ୍ଟ୍ରାର ଆସୋସିଏଶନ ପକ୍ଷରୁ ଅତିରିକ୍ତ ଜିଲାପାଳ ଡ. ଭକ୍ତ ଚରଣ ପ୍ରଧାନଙ୍କୁ ଲିଖିତ ଦାବିପତ୍ର ସୋମବାର ଦିଆଯାଇଛି। ଏହା ଦ୍ୱାରା ସମସ୍ତ ବିଭାଘର ବା ବିଚ୍ଛେଦ ଆଇନଗତ ହୋଇ ପାରିବ ବୋଲି ସଂଘର କୋଷାଧକ୍ଷ ଏମଡି ଅର୍ସାଦୁଲ କ୍ୱାଦ୍ରି କହିଛନ୍ତି।

କେନ୍ଦୁଝର ପୁରୁଣା ସହରର ସେକ ସାମିଲ ମୌଲବୀ, ମାହିର, ଆଲିମ ଓ ଫାଜିଲ ଭଳି ଇସଲାମିକ ଶିକ୍ଷା ଲାଭ କରିଥିବାରୁ ତାଙ୍କୁ ଏହି କ୍ୱାଜି ପଦବୀରେ ନିଯୁକ୍ତି ଦେବାକୁ ନିବେଦନ କରିଥିବା ବେଳେ ଆସୋସିଏଶନ ସମର୍ଥନ ଜଣାଇ ଲିଖିତ ଜଣାଇଛନ୍ତି। ସେକ ସାମିଲ ଦୀର୍ଘ ୭ ବର୍ଷ ହେଲା ପୁରୁଣା ସହର ସୁନ୍ନି ଜାମା ମସଜିଦରେ କାର୍ଯ୍ୟ କରୁଛନ୍ତି। ଜିଲାରେ ଏହି ସୁନ୍ନି ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ନିକା ବା ବିବାହ କରିବା ପାଇଁ କ୍ୱାଜି ମିଳୁ ନ ଥିବାରୁ ସମସ୍ୟା ଦେଖାଦେଇଆସୁଛି। ଏଭଳି ନିଯୁକ୍ତି ଦେବାକୁ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଜଣାଇଛନ୍ତି।

# ପୀଡ଼ିତାଙ୍କ ଚିକିତ୍ସାରେ ଅବହେଳା

- ହାତୀ ଆକ୍ରମଣର ଶିକାର ହୋଇଥିଲେ
- ମିଳୁନି ସହାୟତା, ସହଯୋଗ
- ଅଧିକ ଚିକିତ୍ସା ଲାଗି ଅର୍ଥାଭାବ

**କେନ୍ଦୁଝର, ୧୭।୧୨(ସ୍ୱ.ପ୍ର.)**

ହାତୀ ଆକ୍ରମଣରେ ଗୁରୁତର ହୋଇ ଜିଲା ମୁଖ୍ୟଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କୁ ଉପଯୁକ୍ତ ଚିକିତ୍ସାସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହିନତା ଓ ବନ ବିଭାଗର ମାନବିକାତାର ଅଭାବରୁ ମହିଳା ଜଣଙ୍କ ମୃତ୍ୟୁ ମୁଖରେ ପଡିଛନ୍ତି। ତିନି ଦିନ ହେଲା ରକ୍ତର ଆବଶ୍ୟକତା ରହିଛି। ରକ୍ତ ଦିଆଯାଉ ନ ଥିବାରୁ ଚିକିତ୍ସାରେ ଅବହେଳା କରାଯାଉଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ଠିକ ଭାବରେ ଚିକିତ୍ସା କରାଯାଉନାହିଁ। ଅର୍ଥାଭାବରୁ ଅଧିକ ଚିକିତ୍ସିତ ପାଇଁ କଟକ ଯାଇପାରୁ ନାହାନ୍ତି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

ବାଂଶପାଳ ବ୍ଲକ ଯାତ୍ରା ପଞ୍ଚାୟତ ବଡ଼କୁଳ ଗ୍ରାମରେ ଗତ ୨୮ ରାତିରେ ହାତୀ ଏକ ଘର ଉପରେ ଆକ୍ରମଣ କରିଥିଲା। ଗ୍ରାମର ଭୀମ ମଲ୍ଲିକଙ୍କ ସହ ତାଙ୍କ ସ୍ତ୍ରୀ ଘଣ୍ଟ ଜୀବନ ବଞ୍ଚାଇବାକୁ ଘରୁ ପଦାକୁ ବାହାରିଥିଲେ। ବାହାରକୁ ଆସିବା ବେଳେ ଘଣ୍ଟ ହାତୀ ହାବୁଡରେ ପଡିଯାଇଥିଲେ। ଜୀବନ ବଞ୍ଚିଯାଇଥିଲେ ହେଁ ହାତୀର ଦାନ୍ତ ଗଣ୍ଟଙ୍କ ହାତରେ ପଶି ଯିବାରୁ ମାଂସ ପଦାକୁ ବାହାରି ପଡି ଗୁରୁତର ହୋଇପଡିଥିଲେ। ତାଙ୍କୁ ଜିଲା ମୁଖ୍ୟଡାକ୍ତରଖାନାରେ ବନ ବିଭାଗ କର୍ତ୍ତୃପକ୍ଷ ଭର୍ତ୍ତି କରି ଦାୟିତ୍ୱ ଶେଷ କରି ଚାଲିଗଲେ। ଡାକ୍ତରଖାନାରେ ନା ମିଳୁଛି ଚିକିତ୍ସା ସୁବିଧା ନା ବନ ବିଭାଗ ପକ୍ଷରୁ ସହଯୋଗ। ମହିଳା ଜଣଙ୍କ କଷ୍ଟ ଯନ୍ତ୍ରଣାରେ ବେଡରେ ପଡିରହିଛନ୍ତି। ବାହାରୁ ଔଷଧ କିଣି ବହୁ ଖର୍ଚ୍ଚାନ୍ତ ହୋଇ ସାରିଲେଣି। ରକ୍ତର ଆବଶ୍ୟକତା ଥିବା ଡାକ୍ତର କହୁଛନ୍ତି। ଅଦ୍ୟାବଧି ଗ୍ରୁପିଂ କରାଯାଇ ରକ୍ତ ଦେବା ବ୍ୟବସ୍ଥା କରାଯାଉ ନ ଥିବାରୁ ପରିବାର ଲୋକ ଚିନ୍ତାରେ ରହିଛନ୍ତି। ମା' ବେଡରେ ମହିଳାଙ୍କ ୨ ବର୍ଷର ଶିଶୁ ବସି ରହୁଛନ୍ତି। ଏ ନେଇ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ମହିଳା ଜଣଙ୍କ ବେଡ୍‌ରେ ପଡ଼ି ରହିଛନ୍ତି।

# ଡଲିରାଣୀଙ୍କ ପ୍ରକଳ୍ପ ପ୍ରଥମ

**ପାଟଣା, ୧୭।୧୨(ସ୍ୱ.ପ୍ର.)**

ପାଟଣା ବ୍ଲକ ଚିନାମାଳିପଶିସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଡଲିରାଣୀ ମହାନ୍ତଙ୍କୁ ସୋମବାର ପୂର୍ବାହ୍ନରେ ଶିକ୍ଷକ ଓ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ମେଳା କେନ୍ଦୁଝର ମୁଖ୍ୟାଳୟସ୍ଥିତ ଡିଏନ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦର୍ଶିତ ୧୧୦ ବିଜ୍ଞାନ ପ୍ରକଳ୍ପ ମଧ୍ୟରୁ ଶ୍ରେଷ୍ଠ ୬ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ଡଲିରାଣୀଙ୍କ ବିଜ୍ଞାନ ପ୍ରକଳ୍ପ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନଶିକ୍ଷକ ସାଧୁଚରଣ ପ୍ରଧାନ, ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ ଷଡ଼ଙ୍ଗୀ, ଶିକ୍ଷକ ପରମେଶ୍ୱର ମହାନ୍ତ, ଦୋଳଗୋବିନ୍ଦ ମହାନ୍ତ, ବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ରହିଥିଲେ।



ଡଲିରାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

**କାନପୁର ନଦୀବନ୍ଧ ଯୋଜନା**

**ଚମ୍ପୁଆ, ୧୭।୧୨(ଡି.ଏନ.ଏ.)**

ଚମ୍ପୁଆ ଉପଖଣ୍ଡରେ ବହୁ ଟଙ୍କା ବ୍ୟୟରେ କାନପୁର ନଦୀବନ୍ଧ ଯୋଜନା ନିର୍ମାଣାଧୀନ ରହିଛି। ବିସ୍ଥାପିତଙ୍କ ଦ୍ୱାରା ଅବରୋଧ କରାଯାଇ ଚାଷ ହେଉଥିବା ଜମିକୁ ସୋମବାର ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। ୩ ଦିନ ଧରି ହେବାକୁ ରହିଛି ଏହି ଉଚ୍ଛେଦ କାର୍ଯ୍ୟକ୍ରମ। ପ୍ରଥମ ଦିନରେ ରୁଗୁଡି ଗ୍ରାମଠାରେ ଉଚ୍ଛେଦ କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ଉଚ୍ଛେଦ କାର୍ଯ୍ୟକ୍ରମ ରୁଗୁଡି ଓ ଶଙ୍କରପୁରଠାରେ କରାଯିବ ବୋଲି ଜଣାଯାଇଛି।

ରୁଗୁଡି ଗ୍ରାମର ୨୮୯.୮୩ ଏକର ଓ ଶଙ୍କରପୁରର ୨୮୭.୮୩ ଏକର ଚାଷଜମି ଉଚ୍ଛେଦ ହେବ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ବିଲ ଅତିରିକ୍ତ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଉଥିବା ବେଳେ ପୁନର୍ବାସ ଥଇଥାନ ପ୍ରକଳ୍ପ ପ୍ରଶାସକ ସୁଶାନ୍ତ କୁମାର ସିଂ, ଜୋନ୍ ଅଫିସର ଚରଣ ନାଏକ ଓ ଅନ୍ୟ ପ୍ରଶାସନିକ କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। ୧ ପ୍ଲାଟୁନ ଫୋର୍ସ ଓ ଚମ୍ପୁଆ ଥାନା ସବ୍‌ଇନ୍ସପେକ୍ଟର ପଦ୍ମାବତୀ କପାଟଙ୍କ ନେତୃତ୍ୱରେ ଏକ ଟିମ୍ ମୁତୟନ ହୋଇଥିଲା।



ମେଶିନ ଦ୍ୱାରା ଉଚ୍ଛେଦ କାର୍ଯ୍ୟ କରାଯାଉଛି।

## ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ

**ଚମ୍ପୁଆ, ୧୭।୧୨(ଡି.ଏନ.ଏ.)**

ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଫାଣ୍ଡିର ଅନତି ଦୂରରେ ଥିବା ଏକ ଏଟିଏମ୍‌ରୁ ରବିବାର ରାତିରେ ଲୁଟ୍ ଉଦ୍ୟମ ହୋଇଛି। ଏଟିଏମ୍ ଭଙ୍ଗା ଯାଇଥିଲେ ହେଁ ଟଙ୍କା ଲୁଟ୍ କରିବାରେ ଦୁର୍ବୃତ୍ତ ବିଫଳ ହୋଇଥିବା ପୋଲିସ କହିଛି। ସୋମବାର ସକାଳେ ଏଟିଏମ୍ ଖୋଲା ପଡିଥିବା, ବାକ୍ସ ତଡ଼ା ହୋଇଥିବା ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସେହିପରି ରିମୁଳିଠାରେ ଥିବା ଇଲେକ୍‌ଟ୍ରୋନିକ୍ସ ଦୋକାନ ଓ ଏକ ମେଡିସିନ ଷ୍ଟୋର୍‌କୁ ତଡ଼ାଯାଇଥିବା ଦେଖିବାକୁ ମିଳିଥିଲା।

# ପର୍ଶଳା, ପାଟଣାରେ ପିଠା କାର୍ଯ୍ୟକ୍ରମ

**ଚମ୍ପୁଆ/ ପାଟଣା, ୧୭।୧୨ (ଡି.ଏନ.ଏ./ ସ୍ୱ.ପ୍ର.)**

ଚମ୍ପୁଆ ବ୍ଲକ ପର୍ଶଳା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଜଣାପଡ଼ିଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ବାରିକ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ଈଶ୍ୱର ମୁଣ୍ଡା, ସମିତିସଭ୍ୟା ସୁଲୋଚନା ମୁଣ୍ଡା, ପିଇଓ ମୋହନ ଚରଣ ଦାସ, ଜେଇ ବିନୋଦିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପାଲା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା।

ସେହିପରି ପାଟଣା ବ୍ଲକର ମିରିଗିଖୋଜି, ଡୁମୁରିଆ ଓ ମୂଷାଖରୀ ପଞ୍ଚାୟତରେ ସୋମବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡୁମୁରିଆ ପଞ୍ଚାୟତରେ ସରପଞ୍ଚ ଦମୟନ୍ତୀ ନାଏକ, ମୂଷାଖରୀ ପଞ୍ଚାୟତରେ ସରପଞ୍ଚ ଭାମାମଣି ଦାସ ଓ ମିରିଗିଖୋଜି ପଞ୍ଚାୟତରେ ସରପଞ୍ଚ ସୁମିତ୍ରା ବେହେରା ଉପସ୍ଥିତ ରହିଥିଲେ। ନୋଡାଲ ଅଫିସର ଭାବେ ବ୍ଲକ ବିତ୍ତ ଅଧିକାରୀ ଧନେଶ୍ୱର ନାଏକ ଓ ଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ନାଏକ ଯୋଗଦେଇଥିଲେ। ଏହି ପିଠା କାର୍ଯ୍ୟକ୍ରମ ମିରିଗିଖୋଜି ପଞ୍ଚାୟତରେ ୧୨ ଜଣ ଓ ମୂଷାଖରୀ ପଞ୍ଚାୟତର ୧୫ ଜଣଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଥିଲା। ଡୁମୁରିଆ ପଞ୍ଚାୟତରେ ୬୬ ହିତାଧିକାରୀଙ୍କୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଁ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ସ୍ଥାନୀୟ ପଞ୍ଚାୟତ ତରଫରୁ ଉପସ୍ଥିତ ଥିବା ଲୋକଙ୍କୁ ସରପଞ୍ଚମାନେ ଆରିସା ପିଠା ବାଣ୍ଟିଥିଲେ।

# ଅଳତିରେ ଧାନକିଣା ଆରମ୍ଭ



ସମିତି ପକ୍ଷରୁ ଧାନ କିଣା ଯାଉଛି।

**ଆନନ୍ଦପୁର,୧୭।୧୨(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଅଳତି ସେବା ସମାବାୟ ସମିତ ତରଫରୁ ସୋମବାର ସରକାରଙ୍କ ନିର୍ଦ୍ଧାରିତ ଦରରେ ଚାଷୀଙ୍କଠାରୁ ଧାନ କିଣା ଅରମ୍ଭ ହୋଇଛି। ଏହି ଅବସରରେ ବିଭିନ୍ନ ଅଞ୍ଚଳର ଚାଷୀଙ୍କ ଉପସ୍ଥିତରେ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଅଳତି ସରପଞ୍ଚ ସେବତୀଲତା ବରାଳ, ସମବାୟ ସମିତର ସଭାପତି ସୁଦର୍ଶନ ସାହୁ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅଳତି ଗ୍ରାମର ଚାଷୀ ରବୀନ୍ଦ୍ର ସେଠୀ, ଶଶିକାନ୍ତ ଭୂୟାଁ, ଅଙ୍ଗାରୁଆ ଗ୍ରାମର ଚାଷୀ ବୈକୁଣ୍ଠ ନାଥ ସ୍ୱାଇଁ, ରାଇତୋଳା ଗ୍ରାମର ଚାଷୀ ବଳରାମ ରାଉତ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ୧୭୫୦ ଟଙ୍କାରେ ଧାନ ବିକ୍ରି କରିଥିଲେ। ସମିତିରୁ ଧାନ ନେବା ପାଇଁ ଲକ୍ଷ୍ମିନାରାୟଣ ରାଇସ୍ ମିଲ୍, ସଡାର ସୁପରଭାଇଜର୍ ଅସିତ୍ କୁମାର ରାଉତ ଓ ଶ୍ୟାମସୁନ୍ଦର ରାଇସ୍ ମିଲ ଝାଡକୁଣ୍ଡିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ମିନକେତନ ରାଉଳ, ସହସମ୍ପାଦକ ଷ୍ଟିପେନସନ୍ ବୋଇତେଇ ଓ କର୍ମଚାରୀ ରବିନ୍ଦ୍ର ସ୍ୱାଇଁ, ସୁବାସ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ସମ୍ପର୍କ ଯୋଡୁଛି ପଦଯାତ୍ରା

**ହାଟଡିହୀ, ୧୭।୧୨**

ହାଟଡିହୀ ବ୍ଲକ ବିଜେଡି ତରଫରୁ ସୋମବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବିଧାୟକ ମାୟାଧର ଯେନାଙ୍କ ନେତୃତ୍ୱରେ ସୋସୋ ପଞ୍ଚାୟତର ସୋସୋ ଯଜ୍ଞ ମଣ୍ଡପଠାରୁ କର୍ମୀ ପଦଯାତ୍ରାରେ ବାହାରି ବାଲିବରେଇ ପଞ୍ଚାୟତରେ ପହଞ୍ଚି ଥିଲେ। ବିଜେଡିର ବରିଷ୍ଠ ନେତା ହାଡିବନ୍ଧୁ ଦେହୁରି, ବିକ୍ରମ ବିଶ୍ୱାଳ, ଯୁବନେତା ବିମଳ ଯେନା, ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ସାସଙ୍ଗ ପଞ୍ଚାୟତ ସରପଞ୍ଚ ବିଦ୍ୟାଧର ବିଶ୍ୱାଳ, ଛାତ୍ର ନେତା ଜଗନ୍ନାଥ ନାୟକଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ। କର୍ମୀ ଘର ବୁଲି ସରକାରଙ୍କର ଲୋକହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ କହିଥିଲେ।

## ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ

**ପାଟଣା, ୧୭।୧୨(ସ୍ୱ.ପ୍ର.)**

ପାଟଣା ବ୍ଲକ ସଭା ଗୃହରେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ ୪୦ ଅଭିଯୋଗ ମଧ୍ୟରୁ ୫ଟିର ତତ୍କାଳ ଫଇସଲା ହୋଇଥିଲା। ଜିଲାପାଳ ଆଶିଷ ଠାକରେ, ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ, ବିଡ଼ିଓ କୁଶଳ ଚନ୍ଦ୍ର ନାଏକ, ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମ ଉନ୍ନୟନ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ଡ, ସୋମନାଥ ପ୍ରଧାନ, ପିଏଆଇଟିଡ଼ିଏ ନାରାୟଣ ଚନ୍ଦ୍ର ମୁର୍ମୁ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସ୍ୱରୂପ ମିଶ୍ର, ଜିଲା ଶିକ୍ଷା ଅଧିକରୀ କପିଳେନ୍ଦ୍ର ମିଶ୍ର, ଅବକାରୀ ଅଧୀକ୍ଷକ ପ୍ରଦୀପ ପଟ୍ଟନାୟକ, ତହସିଲଦାର ଶିବ ପ୍ରସାଦ ମୁର୍ମୁ, ଥାନା ଅଧିକାରୀ ପ୍ରମୋଦୀନି ସାହୁ, ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀ, ଥାନାଧିକାରୀ ପ୍ରମୋଦିନୀ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁପ୍ରକାଶ ସତପଥୀ, ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ନାଏକ, ବିଇଓ ପୂର୍ଣ୍ଣଚନ୍ଦ୍ର ଓମାତ ଓ ଅନ୍ୟ ଜିଲା ତଥା ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀ, ସାନ୍ତ୍ୱନା ଦାସ, ପୁରୁଷୋତ୍ତମ ସାହୁ, ମନୋରଞ୍ଜନ ମହାପାତ୍ର, ପ୍ରବୀର ଦେଓ ପ୍ରମୁଖ ପରିଚାଳନା କରିଥିଲେ।

# ସୋସୋରେ ଧାନମଣ୍ଡି ଖୋଲିଲା

**ହାଟଡିହୀ, ୧୭।୧୨**

ହାଟଡିହୀ ବ୍ଲକ ଅନ୍ତର୍ଗତ ସୋସୋ ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ଆନନ୍ଦପୁର ବିଧାୟକ ମାୟାଧର ଯେନା ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ କାଞ୍ଚନ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାୟକ ଯେନା, ସମ୍ମାନିତ ଅତିଥି ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ସରପଞ୍ଚ ପ୍ରତିଭା ନାୟକ, ବିଜେଡି ଯୁବନେତା ବିମଳ ଯେନା ଓ ସୋସୋ ସେବା ସମବାୟ ସମିତିର ସମ୍ପାଦକ ସୁରେନ୍ଦ୍ର ପତି ଉପସ୍ଥିତ ଥିଲେ। ଧାନମଣ୍ଡିର ଆବଶ୍ୟକତା ଓ ଏହା ଦ୍ୱାରା ଚାଷୀଙ୍କର ଉପକାରିତା ସମ୍ପର୍କରେ ଅତିଥି ଚାଷୀଙ୍କୁ ସୂଚନା ଦେଇଥିଲେ। ଏଥିରେ ଶତାଧିକ ଚାଷୀ ଯୋଗଦେଇଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ସମିତି କର୍ମକର୍ତ୍ତା।

# ଧାନକିଣାକୁ ନେଇ ଉତ୍ତେଜନା

**ତେଲକୋଇ, ୧୭।୧୨(ଡି.ଏନ.ଏ.)**

ତେଲକୋଇ ମୁଖ୍ୟାଳୟର ସମବାୟ ସମିତିରେ ସୋମବାର ଧାନ କିଣା ଆରମ୍ଭ ହୋଇଛି। ଲଘୁଚାପ ଜନିତ ବର୍ଷାକୁ ନେଇ ଚାଷୀ ଆତଙ୍କିତ ଥିବା ବେଳେ ଧାନ ବିକ୍ରି ପାଇଁ ମଣ୍ଡିରେ ପହଞ୍ଚିଥିଲେ। ସମବାୟ ସମିତିର ଏମଡି ମିଲର ସମ୍ପାଦକ, ନିୟନ୍ତ୍ରୀତ ବଜାର କମିଟ କେନ୍ଦୁଝରଙ୍କ ଉପସ୍ଥିତିରେ ଧାନ କ୍ରୟ କରାଯିବାର ଯୋଜନା ରହିଥିଲା। କ୍ୱିଣ୍ଟାଲ ପ୍ରତି ୪ କିଲୋ ଧାନ କଟାଯିବା ଜାଣିବା ପରେ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଏଥି ପାଇଁ ୪ ଘଣ୍ଟା ଧାନ କିଣାରେ ବାଧା ପ୍ରାପ୍ତ ହୋଇଥିଲା। ଆଲୋଚନା ପରେ ଉତ୍ତେଜନା ଥମିଥିଲା।

ଉକ୍ତ ସମବାୟ ସମିତି ଅଧୀନରେ ସୋମବାର ଓ ବୁଧବାର ଧାନ କ୍ରୟ ଯୋଜନା କରାଯାଇଛି। ବ୍ଲକ ଅଧୀନ କାଳିଆହତା ସମବାୟ ସମିତିରେ ବୁଧବାର ଓ ଶୁକ୍ରବାର, ସିରିଗିଡା ସମବାୟ ସମିତିରେ ମଙ୍ଗଳବାର ଶନିବାର ଧାନ କ୍ରୟର ଯୋଜନା କରାଯାଇଛି। ତେଲକୋଇ ସମବାୟ ସମିତିର ଏମଡି କେଶବ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଜିଲା ଯୋଗାଣ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ପ୍ରତି କ୍ୱିଣ୍ଟାଲରେ ଚାଷୀଙ୍କଠାରୁ ୪ କିଲୋ ଧାନ କଟାଯାଉଛି। ଏହାକୁ ଚାଷୀ ବିରୋଧ କରିଥିଲେ ବୋଲି ସେ କହିଛନ୍ତି। ନବନିର୍ମାଣ କୃଷକ ସଙ୍ଗଠନର ପ୍ରତିନିଧି ଲକ୍ଷ୍ମୀଧର ପ୍ରଧାନଙ୍କୁ ପଚାରିବାରୁ ଚାଷୀଙ୍କଠାରୁ କ'ଣ ପାଇଁ ୪ କିଲୋ ଧାନ କଟାଯିବ। ପ୍ରଶାସନ ପୁଃନ ବିଚାର କରିବାକୁ ସେ ଦାବି କରିଥିଲେ।



ମଣ୍ଡିରେ ଧାନକିଣା ଯାଉଛି।

# ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

**କୋଲିମାଟି, ୧୭।୧୨(ଡି.ଏନ.ଏ.)**

ଘସିପୁରା ବ୍ଲକ ଗୋହିରା ପଞ୍ଚାୟତର ପତର ଶଉରଣୀ ଆଦିବାସୀ ଉଚ୍ଚ ବିଦ୍ୟାଳୟ ଗୋହିରାରେ ଘସିପୁରା ବ୍ଲକ ଉଷ୍ଟା ତରଫରୁ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଘସିପୁରା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଗାଁ ଗହଳିର ପିଲାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାର ପରିପ୍ରକାଶ ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥିବା ମତ ପ୍ରକାଶ ପାଇଥିଲା। ଆୟୋଜିତ ପ୍ରତିଯୋଗିତାରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଘସିପୁରା ବ୍ଲକ ଶିକ୍ଷା ଅଧିକାରୀ ଗୋପାଳ ଚନ୍ଦ୍ର ପତି, ମୁଖ୍ୟବକ୍ତା ଆନନ୍ଦପୁର ବ୍ଲକ ଶିକ୍ଷା ଅଧିକାରୀ ଶରତ ରାଉତ, ସମ୍ମାନିତ ଅତିଥି ଚିନ୍ତାମଣି ଜେନା, ଜିଲା ଓଷ୍ଟା ସମ୍ପାଦକ ଶାନ୍ତନୁ ମିଶ୍ର, ନୀଳମଣି ପଟ୍ଟନାୟକ ଯୋଗ ଦେଇଥିଲେ।

ଗୋହିରା ଉଚ୍ଚ ବିଦ୍ୟାଳର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାସଙ୍କ ନେତୃତ୍ୱରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ଦୀପକ ରାଉତ, ଦାମୋଦର ନାଏକ, ଅଜୟ ନାଏକ, ସୋନାଲି କପ୍ତୋରିକା ପରିଡ଼ା, ଉର୍ମିଳା ବେହେରା, ଜ୍ୟୋସ୍ନାମୟୀ ବିଶ୍ୱାଳ, ରମାକାନ୍ତ ଜେନା, ସୁଶାନ୍ତ ବେହେରା, କ୍ଷୀରପ୍ରଭା ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ପ୍ରମୋଦ ନାଏକ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଭାଗବତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ବର୍ଷା ସାଙ୍ଗକୁ କୋହଲା ପାଗ



ନିଆଁ ଜାଳି ଲୋକେ ବସିଛନ୍ତି।

**କେନ୍ଦୁଝର, ୧୭।୧୨(ସ୍ୱ.ପ୍ର.)**

ସାମଦ୍ରିକ ଝଡ଼ ପେଥାଇର ପ୍ରଭାବରେ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସାଙ୍ଗକୁ କୋହଲା ପାଗ ରହିଛି। ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡ଼ିଛି। ରବିବାର ରାତିରୁ ବିଭିନ୍ନ ସ୍ଥାନରେ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ସୋମବାର ତାହା ଜାରି ରହିଛି। ହଠାତ ବର୍ଷା ଓ କୋହଲା ପାଗ ଯୋଗୁଁ ରାସ୍ତା ଘାଟରେ ଲୋକଙ୍କ ଯାତାୟାତ କମିଛି। ଶୀତ ଅନୁଭୂତ ହେଉଛି।

କେନ୍ଦୁଝର ସହରରେ ସୋମବାର ସକାଳେ ତାପମାତ୍ର ୧୨.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଆହୁରି କମିବ ବୋଲି ଅନୁମାନ କରାଯାଉଛି। ଗ୍ରାମାଞ୍ଚଳ ତଥା ପାହାଡିଆ ଅଞ୍ଚଳରେ ତାପମାତ୍ର ୧୦ ଡିଗ୍ରୀ ତଳକୁ ଖସିଆସିଥିଲା। ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜଳାଇ ଲୋକେ ବସୁଛନ୍ତି। କମ୍ବଳ ଘୋଡାଇ, ଶୀତବସ୍ତ୍ରୀ ପରିଧାନ କରି ଲୋକେ ରହୁଛନ୍ତି। ଅନେକ ଅଞ୍ଚଳରେ ବର୍ଷା ଯୋଗୁଁ ଧାନ ବିଲରେ ଫସଲ ଓଦା ହୋଇଛି।